ପନିପରିବା ତଳି ଉତ୍ପାଦନ


ଆଲେଖ୍ୟ:

ଶ୍ରୀମତୀ ହରପ୍ରିୟା ସେଠୀ (କ୍ଷେତ୍ର ପ୍ରବନ୍ଧକ)

ଶ୍ରୀମତୀ ସସ୍ମିତା ପାଲ, ବୈଜ୍ଞାନିକ (ଗୃହ ବିଜ୍ଞାନ)

ଡ. ମୟୁରୀ ସିଂ ସରଦାର, ବୈଜ୍ଞାନିକ (କୃଷି ସଂପ୍ରସାରଣ)

ସଂପାଦନା:

ଶ୍ରୀ ତପନ କୁମାର ଦାସ

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ



ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ

ପ୍ରଥମ ପ୍ରକାଶନ : ଡିସେମ୍ବର, ୨୦୨୩

ମୁଦ୍ରଣ:

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର, ଫୋନ୍ ୯୪୩୭୦୭୭୩୩୭


**PANIPARIBA TALI UTPADANA**

**By**


**Mrs. Harapriya Sethi,** (Farm Manager)

**Mrs. Sasmita Pal,** Scientist (Home Science)

**Dr. Mayuri Singh Sardar,** Scientist (Agril. Extn.)

**Editor**

**Mr. Tapan Kumar Das**

Sr. Scientist and Head

Krishi Vigyan Kendra, Boudh



**Published by:** Krishi Vigyan Kendra, Boudh

**First Edition** : December, 2023

**Printed by**

Ankita Graphics, Bhubaneswar.

Cell : 9437077337 / saroj77337@gmail.com






# ପନିପରିବା ତଳି ଉତ୍ପାଦନ

ମୁଖ୍ୟତଃ ପନିପରିବା ଫସଲ ପାଇଁ ତଳିପଟିରେ ତଳି କରି ଜମିରେ ଲଗାଯାଏ। ତଳି ବା ଚାରା ହେଉଛି ଗୋଟିଏ ଶିଶୁଗଛ। ଏହା ନରମା ଓ ସୂକ୍ଷ୍ମଚେର ବିଶିଷ୍ଟ ହୋଇଥିବାରୁ ମାନବ ଶିଶୁ ପରି ଅଧିକ ଯତ୍ନ ଆବଶ୍ୟକ କରେ। ଭଲ ତଳିରୁ ଭବିଷ୍ୟତରେ ଭଲ ଗଛ ହୋଇଥାଏ ଓ ଭଲ ଫଳେ। ତଳି ଦୁର୍ବଳ, ରୋଗିଣା ହେଲେ ପରେ ଗଛଟି ମଧ୍ୟ ରୁଗ୍ଣ ହୋଇଥାଏ ଓ ଭଲ ଫଳେ ନାହିଁ। ତେଣୁ ଆମେ କିପରି ଭଲ ପନିପରିବା ତଳି ଉତ୍ପାଦନ କରିପାରିବା ସେ ବିଷୟରେ ପ୍ରତ୍ୟେକ ଚାଷୀଭାଇ ଜାଣିବା ନିତାନ୍ତ ଆବଶ୍ୟକ।

## ତଳିପଟି ପାଇଁ ସ୍ଥାନ ନିରୂପଣ :

ଦୋରସା ମାଟି ତଳିପଟି ପାଇଁ ସବୁଠାରୁ ଭଲ। ପଥୁରିଆ, ନିରାସା ମାଟିରେ ତଳି ଭଲ ବଢ଼େ ନାହିଁ। ମାଟି ଯଦି ଅଧିକ ବାଲିଆ ହୋଇଥାଏ ତେବେ ସେଥିରେ ଟିକିଏ ସଢ଼ା ଗୋବରଖତ ମିଶାଇବାକୁ ହେବ। ମାଟି ଯଦି ଅଧିକ ଚିକିଟା ହୋଇଥାଏ ତେବେ ସେଥିରେ କିଛି ବାଲିଆ ମାଟି ମିଶାଇବା ଆବଶ୍ୟକ।



ପନିପରିବା ତଳି ପାଇଁ ଶୁଖିଲା ତଳିପଟି କରାଯାଏ। ତଳିପଟି ପାଇଁ ଟିକିଏ ଉଚ୍ଚା ଜମି ଭଲ, ଯେପରି ବର୍ଷା ହେଲେ ସେଠାରେ ପାଣି ଜମି ନରହି ତଳକୁ

ଗଡ଼ି ଚାଲିଯିବ ବା ଆବଦ୍ଧ ଜାଗାରେ କରିବା ଉଚିତ୍। ଏହାଦ୍ୱାରା ଗାଈଗୋରୁ, ଛେଳି, ମେଣ୍ଢାଓ ଚୋରଙ୍କ ଦାଉରୁ ରକ୍ଷା କରାଯାଇପାରିବ। ସେହି ସ୍ଥାନରେ ଜଳର ସୁବିଧା ଥିବା ଆବଶ୍ୟକ କାରଣ ତଳିପଟିରେ ଦରକାର ଅନୁସାରେ ଦୁଇ ଓଳି ପାଣି ଦେବାକୁ ପଡ଼ିଥାଏ।

## ଭଲ ବିହନ :

କଥାରେ ଅଛି ମଞ୍ଜି ଗୁଣେ ଓ ଗଛକୁ ନେଇ ଫଳ। ଭଲ ବିହନରୁ ଅଧିକ ଅମଳ ମିଳେ। ଭଲ ବିହନ କାହାକୁ କୁହାଯିବ।

୧. ବିହନ ନିଦା, ହୃଷ୍ଟପୁଷ୍ଟ ଓ ଓଜନିଆ ହୋଇଥିବ।
୨. ଉନ୍ନତ କିସମର ହୋଇଥିବ ।
୩. ଅଧିକ ଉତ୍ପାଦନ କ୍ଷମତା ଥିବ।
୪. ପରିଷ୍କାର ଥିବ, ସେଥିରେ କାଠିକୁଟା ବାଲି, ଘାସ ବା ବାଳୁଙ୍ଗା ମଞ୍ଜି ମିଶି ନଥିବ।
୫. ପୋକା ବା ରୋଗିଣା ହୋଇନଥିବ।
୬. ବିହନର ପୋକ, ରୋଗ ପ୍ରତିରୋଧକ ଶକ୍ତି ଥିବା ଆବଶ୍ୟକ।
୭. ଉକ୍ତବିହନ ଭଲ ଅମଳ ହେଉଥିବା ଚାରାର ପରିପକ୍ୱ ଅବସ୍ଥାରେ ସଂଗୃହୀତ ହୋଇଥିବ।
୮. ବିହନର ଗଜା ହେବା ଶକ୍ତି ପ୍ରାୟ ଶତକଡ଼ା ନବେ ଭାଗ ଥିବ।

ବିହନ ସଂଗ୍ରହ କଲାପରେ ଗୋଟିଏ ଛୋଟ ମାଟି କୁଣ୍ଡରେ ୧୦ଟି ମଞ୍ଜି ପୋତିଦେଇ ପାଣି ସିଞ୍ଚିବା ଉଚିତ୍। ମଞ୍ଜି ଭଲ ଥିଲେ ୫-୬ ଦିନ ମଧ୍ୟରେ ଗଜା ହୋଇଯିବ। ସେଥିରୁ ବିହନର ଗଜା ହେବା ଶକ୍ତି ଜଣାଯିବ।

**ବିହନ ନିରୂପଣ:** ଆଜିକାଲି ବଜାରରେ ବିଭିନ୍ନ କିସମର ବିଭିନ୍ନ ଗୁଣ ଥିବା ବିହନ ମିଳୁଛି।


୧. ଦେଶୀ ବିହନ, ୨. ଉନ୍ନତ ବିହନ, ୩. ହାଇବ୍ରିଡ୍/ଶଙ୍କର ବିହନ

୧. ଦେଶୀ ବିହନ କମ୍ ଖତ ସାର ଦେଇ ଚାଷ କଲେ ହୁଏ, କିନ୍ତୁ ଉନ୍ନତ କିସମ ଓ ହାଇବ୍ରିଡ କିସମ ପାଇଁ ଅଧିକ ଖତ ସାର ଓ ପୋକରୋଗ ନାଶକ ଔଷଧ ଆବଶ୍ୟକ ହୋଇଥାଏ ।
୨. ବର୍ଷର ବିଭିନ୍ନ ଋତୁ ପାଇଁ ବିଭିନ୍ନ କିସମର ବିହନ ମିଳୁଛି । କେତେକ ବିହନ ବର୍ଷା ଦିନେ ଭଲ ଫଳେ, କେତେକ ଶୀତ ବା ଥଣ୍ଡା ସମୟରେ ଭଲ ଫଳେ, ସେହିପରି କେତେକ ବିହନ ଖରାଦିନେ ଭଲ ହୁଏ, ଯାହା କମ୍ ପାଣି ଆବଶ୍ୟକ କରେ ଓ ଗ୍ରୀଷ୍ମ ସହିପାରେ। କେତେକ ବିହନ କିସମ ଅଛି ଯାହାକି ବର୍ଷ ତମାମ ସବୁ ସମୟରେ ଚାଷ କରାଯାଇପାରେ। ଏହି କିସମ ଋତୁ ବାରେ ନାହିଁ।
୩. ଏହାବ୍ୟତୀତ ପ୍ରତ୍ୟେକ ପନିପରିବା ଫସଲର ସଅଳ କିସମ, ମଧ୍ୟମ କିସମ ଓ ବିଳମ୍ବ କିସମ ବିହନ ମିଳୁଛି। କେତେକ କିସମ ଅଛି ଯାହାକି ଅଦିନରେ ଚାଷ କଲେ ମଧ୍ୟ ଭଲ ଫଳେ ଓ ସେଥିରୁ ଭଲ ଲାଭ ମିଳେ।
୪. ପ୍ରତ୍ୟେକ ପନିପରିବାର ରୋଗ ପୋକ ପ୍ରତିରୋଧକ କିମ୍ବା ରୋଗପୋକ ସହଣୀ ଶକ୍ତି ଥିବା ବିହନ କିସମ ମିଳୁଛି।

ତେଣୁ ନିଜର ଆବଶ୍ୟକତାକୁ ଆଖିଆଗରେ ରଖି ବିହନ ନିରୂପଣ କରିବା ଉଚିତ୍।

## ତଳିପଟି ପ୍ରସ୍ତୁତି:

ତଳିପଟି କରିବା ପାଇଁ ମାଟିକୁ ହଳକରି ଗୁଣ୍ଡ କରିବା ଉଚିତ୍। ଗୋଡ଼ି, ପଥର, କାଠି, କୁଟା, ଘାସ ବାହାର କରିଦେବା ଆବଶ୍ୟକ। ତଳି ପଟିର ଉଚ୍ଚତା ଜମିପତ୍ତନ ଠାରୁ ୬ରୁ ୧୦ ଇଞ୍ଚ ହେବା ଆବଶ୍ୟକ। ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ପଟି ପତ୍ତନ ଉଚ୍ଚା ହୋଇଥାଏ। ଗୋଟିଏ ତଳିପଟିର ଆକାର ଚଉଡ଼ାରେ ୩ ଫୁଟ ଓ ଲମ୍ବା ୧୦ ଫୁଟ ରଖିବା ଭଲ। କାରଣ ଚଉଡ଼ା ୩ ଫୁଟ ରହିଲେ ବାହାରେ ଥାଇ ପଟିରୁ ଘାସ ବାଛିବା ପାଇଁ ସୁବିଧା ହୁଏ। ପଟି ଉପରେ ଶୁଖିଲା ପତ୍ର, ନଡ଼ା ଇତ୍ୟାଦି ପକାଇ ନିଆଁ ଲଗାଇ ଦେଲେ ମାଟିରେ ଥିବା ରୋଗ ଜୀବାଣୁ ମରିଯିବେ। ମଞ୍ଜି ବୁଣିବାର ୨ ସପ୍ତାହ ପୂର୍ବରୁ ତଳିପଟିର ମାଟି ସହିତ ବ୍ଲିଚିଙ୍ଗ୍ ପାଉଡର ଏକର ପ୍ରତି ୫ କି.ଗ୍ରା ହିସାବରେ ମିଶାଇ ଘାଣ୍ଟି ଦେଲେ ମାଟିରେ ଥିବା ରୋଗଜୀବାଣୁ ଗୁଡ଼ିକ ମରିଯାଆନ୍ତି।




ପ୍ରତି ୩୦ ବର୍ଗ ଫୁଟ (୩ ଫୁଟ x ୧୦ଫୁଟ) ତଳିପଟିରେ ଦୁଇ ଝୁଡ଼ି (ପ୍ରାୟ ୨୦କିଗ୍ରା) ସଢ଼ା ଗୋବରଖତ, ୟୁରିଆ ୩୫ ଗ୍ରାମ୍, ସିଙ୍ଗଲ ସୁପର ଫସ୍‌ଫେଟ ୧୦୦ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ ୨୫ ଗ୍ରାମ୍ ଭଲଭାବେ ମିଶାଇବା ଆବଶ୍ୟକ।

## ବିହନ ବିଶୋଧନ :

ବିହନରୁ କାଟିକୁଟା, ବାଲୁଙ୍ଗା ଓ ଘାସ ମଞ୍ଜି, ଫମ୍ପା ମଞ୍ଜିଗୁଡ଼ିକ ବାହାର କରି ସଫା କରିସାରିଲା ପରେ ତାକୁ ଔଷଧ ଦ୍ୱାରା ବିଶୋଧନ କରିବା ଆବଶ୍ୟକ। ପ୍ରତ୍ୟେକ ୧କି.ଗ୍ରା ବିହନ ସହିତ ୩ ଗ୍ରାମ୍ କ୍ୟାପଟାନ କିମ୍ବା ୨ ଗ୍ରାମ୍ ବାଭିଷ୍ଟିନକୁ ଗୋଟିଏ ଟିଣ ଡବାରେ ନେଇ ମୁହଁ ବନ୍ଦ କରି ଭଲ ଭାବରେ ହଲାଇଦେଲେ ସେହି ଔଷଧ ମଞ୍ଜି ସହିତ ଗୋଳାଇ ହୋଇଯାଏ। ବିଶୋଧିତ ବିହନ ବୁଣିଲେ ମାଟିରେ ଥିବା ରୋଗଜୀବାଣୁ ହଠାତ୍ ମଞ୍ଜିକୁ କିମ୍ବା ଶିଶୁଗଛକୁ ଆକ୍ରମଣ କରିପାରନ୍ତି ନାହିଁ।

## ବିହନ ବୁଣା :



ତଳିପଟି ଉପର ସମତୁଲ କରିସାରିବା ପରେ ଗୋଟିଏ କାଠି ସାହାଯ୍ୟରେ ଚଉଡ଼ାପଟିଆ ଗାର ଗୁଡ଼ିକ ୬ ଇଞ୍ଚ ଅନ୍ତରରେ ସିଧାକରି ଟାଣିବା ଆବଶ୍ୟକ। ଗାର ଟାଣିବା ବେଳେ ଏହା କେତେ ଗଭୀର ହେବ ତାହା ମଞ୍ଜିର ଆକାରକୁ ନେଇ ଠିକ୍ କରିବା ଉଚିତ୍ ଯଥା: ବଡ଼ ଆକାରର ମଞ୍ଜି (ବାଇଗଣ, ଲଙ୍କା, ଟମାଟୋ) ଇତ୍ୟାଦି ଟିକିଏ ଅଧିକା ୨.୫ ସେମି. ଗଭୀରରେ ପଡ଼ିବ ଓ କୋବି ପରି ଛୋଟ ମଞ୍ଜି ଟିକିଏ କମ୍ (୨ସେମି) ଗଭୀରରେ ପଡ଼ିବ। ମଞ୍ଜିକୁ ବେଶୀ ବହଳା କରି ବୁଣିବା ଉଚିତ୍ ନୁହେଁ। ବହଳା କଲେ ବେଶୀ ଗଛ ଉଠିବ ଓ ଗଛଗୁଡ଼ିକ ଡେଙ୍ଗା ଓ ସରୁଆ ହୋଇ ବଢ଼ିବ। ବୁଣିସାରିବା ପରେ ହାତରେ ମାଟି ଚଳାଇ ମଞ୍ଜିକୁ ଘୋଡ଼ାଇ ଦେଇ ହାତ ପାପୁଲି ଦ୍ୱାରା ସବୁଆଡ଼େ ଚାପି ଚାପି ଦେବା ଉଚିତ୍। ତଳି ପଟିରେ ଚାରିପଟ ଧାରରେ ମାଲାଥିଆନ୍ ଗୁଣ୍ଡ କିମ୍ବା କ୍ଲୋରପାଇରିଫିସ ଗୁଣ୍ଡା ଧାର କରି ବୁଣି ଦେଲେ ତଳିପଟିରେ ପିମ୍ପୁଡ଼ି ଲାଗିବ ନାହିଁ।





## ତଳିପଟି ଆଚ୍ଛାଦ :

ମଞ୍ଜି ବୁଣା ସରିବା ପରେ ତଳିପଟି ଉପରେ ଶୁଖିଲା ନଡାକୁ ପତଳା ଭାବରେ ବିଛାଇ ଦେବା ଉଚିତ। ଏହାଦ୍ୱାରା ମଞ୍ଜି ଉଷୁମ ପାଏ ଓ ମାଟିର ବତର ଠିକ୍ ରହେ।



## ମଞ୍ଜି ଗଜା ହେବା ପାଇଁ ଅନୁକୂଳ ଅବସ୍ଥା :

ମଞ୍ଜି ଗଜା ହେବା ପାଇଁ ତିନୋଟି ଜିନିଷ ଅନୁକୂଳ ହେବା ଆବଶ୍ୟକ।

୧. ଜଳ, ୨.ବାୟୁ, ୩. ଉତ୍ତାପ

୧. ଜଳ, ବାୟୁ ଓ ଉତ୍ତାପ ଆବଶ୍ୟକତା ଅନୁସାରେ ନପାଇଲେ ମଞ୍ଜି ଗଜା ହେବ ନାହିଁ। ତେଣୁ ଆମକୁ ଦେଖିବାକୁ ହେବ ଯେ ତଳିପଟିର ଶେଷ ପ୍ରସ୍ତୁତି ବେଳକୁ ମାଟି ଟିକିଏ ଓଦାଳିଆ ଥିବ, ଯେପରି ମାଟିକୁ ହାତରେ ମୁଠା କଲେ ତାହା ମୁଠା ହୋଇପାରୁଥିବ ଓ ୩-୪ ଫୁଟ ଉପରୁ ତଳେ ପକାଇଦେଲେ ଭାଙ୍ଗି ଯାଉଥିବ।

୨. ମାଟିକୁ ଗୁଣ୍ଡ ଚାଷ କରାଯାଇଥିବାରୁ ଓ ତଳିପଟିକୁ ଜମିପଉନ ଠାରୁ ଉଚ୍ଚା କରାଯାଇଥିବାରୁ ଓ ମାଟିର ଆର୍ଦ୍ରତା ଠିକ୍ ରଖାଯାଇଥିବାରୁ ପଟାଳି ମାଟି ଭିତରେ ବାୟୁ ଚଳାଚଳ ଭଲ ରୂପେ ହୋଇପାରେ। ମାଟିରେ ଜଳଭାଗ ଅଧିକ ଥିଲେ ବାୟୁ ଚଳପ୍ରଚଳରେ ବାଧା ସୃଷ୍ଟି କରେ।

୩. ତଳିପଟି ଟିକିଏ ଉଷୁମ ରହିବା ଭଲ। ଏହାଦ୍ୱାରା ମଞ୍ଜି ଉତ୍ତାପ ପାଏ। ତେଣୁ ଖରା ସମୟରେ କିମ୍ବା ଦିନର ଖରା ପରେ ଅପରାହ୍ନରେ ମଞ୍ଜି ବୁଣିବା ଉଚିତ। ତା' ଛଡା ପଟି ଉପରେ ପକାଯାଇଥିବା ନଡା ଆଚ୍ଛାଦ ମଧ୍ୟ ଉଷୁମ ଯୋଗାଇଥାଏ।

## ଜଳସେଚନ :

ତଳିପଟିର ମାଟିରେ ଯଦି ସାମାନ୍ୟ ବତର ଥାଏ ତେବେ ମଞ୍ଜି ବୁଣିବା ପରେ ସଙ୍ଗେ ସଙ୍ଗେ ଜଳସେଚନ ଅନାବଶ୍ୟକ। ଯଦି ମାଟି ପୁରା ଶୁଖିଲାଥାଏ, ତେବେ ମଞ୍ଜି ବୁଣିସାରିବା ପରେ ନଡା ଘୋଡାଇ ଦେଇ ତା' ପରେ ଝରା ସାହାଯ୍ୟରେ ଅଳ୍ପ ଜଳ ସିଞ୍ଚନ କରିବା ଉଚିତ। ଟମାଟୋ ଓ ବାଇଗଣ ମଞ୍ଜି ପ୍ରାୟ ୫-୬ ଦିନରେ ଗଜା ହୋଇଥାଏ। ଲଙ୍କା ମଞ୍ଜି ପ୍ରାୟ ୮ ଦିନରେ ଗଜା ହୁଏ। ମଞ୍ଜି ଗଜା ହେବାର ଦେଖି ନଡା ଆଚ୍ଛାଦକୁ ପରିଷ୍କାର ଭାବେ ବାହାର କରିଦିଅନ୍ତୁ। ତା' ପରେ ମାଟିର ବତର ଓ ପାଗକୁ ଦେଖି ପ୍ରତିଦିନ ଥରେ କିମ୍ବା ଦୁଇଥର ଝରା ସାହାଯ୍ୟରେ ଜଳସିଞ୍ଚନ କରିବା ଆବଶ୍ୟକ।




## ପରବର୍ତ୍ତୀ ଯତ୍ନ :

ମଞ୍ଜି ଗଜା ହେବାର ୮-୧୦ ଦିନ ପରେ ଧାଡି ମଝିରେ ମାଟିକୁ ସରୁ ଖୁରପି ଦ୍ୱାରା ଖୁସାରି ଘାସ ବାଛି ଦେଇ ଗଛମୂଳକୁ ମାଟି ଟେକିଦେବା ଉଚିତ। ଏହାଦ୍ୱାରା ଗଛ ମୂଳ ଦମ୍ଭ ହୁଏ ଓ ଗଛ ସିଧା ହୋଇ ବଢେ। ଯଦି ମଞ୍ଜି ବୁଣିବା ପୂର୍ବରୁ ସାର ଦିଆଯାଇ ନଥାଏ କିମ୍ବା ଗଛ କମ୍ ବଢୁଥିବା ଜଣାପଡେ, ତେବେ ଗଛ ମୂଳଠାରୁ ୨ ଇଞ୍ଚ ଛାଡି ଅଳ୍ପ ମାତ୍ରାରେ (୩ଫୁଟ ଚଉଡା, ୧୦ ଫୁଟ ଲମ୍ବା ପଟାଳି ପାଇଁ ମାତ୍ର ୨୫ ଗ୍ରାମ ୟୁରିଆ ସାର ଦେଇ ମାଟି ଟେକି ଦେବା ଉଚିତ।





ଗଛ ୧୨ ଦିନର ହେଲେ ଝାଉଁଳା ରୋଗ ପ୍ରତିରୋଧ ସକାଶେ ପ୍ରତି ୧ ଲିଟର ପାଣିରେ ୩ ଗ୍ରାମ ହିସାବରେ କ୍ୟାପଟାନ୍ ଗୋଳାଇ ଗଛ ମୂଳ ମାଟିକୁ ଥରେ ଓଦା କରିଦେବା ଉଚିତ। ବାଇଗଣ ତଳି ୨୫ରୁ ୩୦ ଦିନରେ, ଲଙ୍କା ତଳି ୩୦-୪୦ ଦିନରେ ଓ କୋବି ତଳି ୨୦-୨୫ ଦିନରେ ଜମିରେ ଲଗାଇବା ପାଇଁ ଉପଯୁକ୍ତ ହୋଇଯାଏ। ତଳିକୁ ବୁଢା ନକରି ଉପଯୁକ୍ତ ସମୟରେ ନେଇ ମୁଖ୍ୟ କିଆରିରେ ରୋଇଦେବା ଆବଶ୍ୟକ।



## ତଳି ଓପାଡିବା :

ପଟିର ମାଟି ଯଦି ଶୁଖିଲା ଥାଏ ତେବେ ତଳି ଓପାଡିବା ପୂର୍ବ ଦିନ ସେଥିରେ ଜଳସେଚନ କରିବା ଉଚିତ। ତା'ଛଡା ସେହିଦିନ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ ଫୁରାଡନ ଦାନା, ୩ ଗ୍ରାମ କ୍ୟାପ୍‌ଟାନ ଓ ୧ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଇ ଏହି ଦ୍ରବଣ ସାହାଯ୍ୟରେ ଗଛମୂଳକୁ ଓଦା କରିବା ଉଚିତ। ଏହି ଦ୍ରବଣ ଚେର ଦେଇ ଗଛ ଭିତରକୁ ଯିବ ଓ ଗଛକୁ ବିଷାକ୍ତ କରି ୧୫ ଦିନ ପର୍ଯ୍ୟନ୍ତ ପୋକ ଆକ୍ରମଣରୁ ସୁରକ୍ଷିତ ରଖିବ। ଫଳରେ ଗଛ ଲଗାଇବା ପରେ ହଠାତ୍ ସେଥିରେ ପୋକ ରୋଗ ଲାଗିବ ନାହିଁ।

ତଳି ଓପାଡିବା ପରେ ଯତ୍ନର ସହିତ ନେଇ ଛାଇ ଜାଗାରେ ରଖି, ଯେତେ ଶୀଘ୍ର ସମ୍ଭବ ନେଇ ଜମିରେ ଲଗାଇଦେବା ଉଚିତ। ଅତି ଟାଣ ଖରା ସମୟରେ ତଳି ଲଗାଇବା ଉଚିତ ନୁହେଁ। ସାଧାରଣତଃ ଅପରାହ୍ନରେ ତଳି ଲଗାଇବା ଭଲ। ଏହା କଲେ ରାତିରେ ଥଣ୍ଡା ପାଇ ଗଛ ସତେଜ ରହେ ଓ ଏହା ଚେର ଧରିବାରେ ସାହାଯ୍ୟ କରେ। ତଳି ରୋଇବା ପରେ ଚାରାଗଛ ମୂଳରେ ଅଳ୍ପ ପାଣିଦେବା ନିତ୍ୟାନ୍ତ ଆବଶ୍ୟକ। ଏହା ଚେରଧରିବାରେ ସାହାଯ୍ୟ କରେ।


## ତଳି ବା ଚାରା ଉତ୍ପାଦନ ମାଧ୍ୟମରେ ଗ୍ରାମୀଣ ଯୁବକମାନଙ୍କ କର୍ମ ସଂସ୍ଥାନ :

ଆଜିକାଲି ସହର, ଗ୍ରାମ ସବୁଠାରେ ଚାରାଗଛର ଚାହିଦା ବଢ଼ି ଚାଲିଛି। ଲୋକମାନେ ବିଭିନ୍ନ କିସମରେ ତଳି ଆବଶ୍ୟକ ସମୟରେ ଦରକାର ମୁତାବକ ପରିମାଣରେ ପାଇପାରୁ ନାହାନ୍ତି। ଯେଉଁ ଗ୍ରାମୀଣ ଯୁବକ ଭାଇମାନେ କିଛି କାମଧନ୍ଦା ନକରି ବସିଛନ୍ତି, ସେମାନେ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କଲେ ଭଲ ଦି' ପଇସା ରୋଜଗାର କରିପାରିବେ। ପନିପରିବା ଚାରା ଛଡ଼ା, ଫୁଲ ଚାରା, ଫଳ ଚାରା, ସାମାଜିକ ବନୀକରଣ ପାଇଁ ବୃକ୍ଷ ଚାରା ଇତ୍ୟାଦି ମଧ୍ୟ ନର୍ସରୀରେ ଉତ୍ପାଦନ କରିହେବ। ଯେଉଁମାନଙ୍କର ନିଜର ସୁବିଧା ଜମି ନାହିଁ। ସେମାନେ ଅନ୍ୟ ଚାଷୀମାନଙ୍କର ଜମିକୁ ଲିଜ୍ ସୂତ୍ରରେ ନେଇ ତଳି ଉତ୍ପାଦନ କରିପାରିବେ।



### ବିଭିନ୍ନ ପନିପରିବା ଲଗାଇବା ସମୟ

| ପନିପରିବା ନାମ | ମଞ୍ଜି ଲଗାଇବା ଓ ଚାରା ଉତାରିବା ସମୟ | ଏକର ପ୍ରତି ମଞ୍ଜିର ପରିମାଣ |
|---|---|---|
| ଟମାଟୋ | ମେ-ଜୁନ୍, ଅକ୍ଟୋବର-ନଭେମ୍ବର, ଜାନୁଆରୀ, ଫେବୃଆରୀ | ୨୦୦ରୁ ୨୫୦ ଗ୍ରାମ୍ |
| ବାଇଗଣ | ମେ-ଜୁନ୍, ଅକ୍ଟୋବର-ନଭେମ୍ବର, ଜାନୁଆରୀ, ଫେବୃଆରୀ | ୨୦୦ରୁ ୨୫୦ ଗ୍ରାମ୍ |
| ଲଙ୍କା | ଜୁନ୍-ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର, ଜାନୁଆରୀ ଫେବୃଆରୀ | ୧୬୦ ଗ୍ରାମ୍ |
| ଫୁଲକୋବି | ଅଗଷ୍ଟରୁ ଅକ୍ଟୋବର ଯାଏ ତଳି ପକାଇ ୨୫ରୁ ୩୦ ଦିନର ଚାରା ଲଗାଇଯାଏ | ୨୦୦ ଗ୍ରାମ୍ |
| ବନ୍ଧାକୋବି | ମେ'ରୁ ଫେବୃଆରୀ ପର୍ଯ୍ୟନ୍ତ | ୧୨୦ ଗ୍ରାମ୍ |
| ଭେଣ୍ଡି | ଫେବୃଆରୀ-ମାର୍ଚ୍ଚ, ଜୁନ୍-ଜୁଲାଇ, ଅକ୍ଟୋବର | ୬ କି.ଗ୍ରା |
| କାଙ୍କଡ଼ | ମାର୍ଚ୍ଚ-ଏପ୍ରିଲରେ ଚେର କଲମି ପ୍ରସ୍ତୁତ କରି ଜୁନ୍ ମାସରେ ଲଗାଯାଏ | ୨୦୦୦ ଚେର |
| ପୋଟଳ | ଫେବୃଆରୀ | ୬୦୦୦ ଚେର |
| କଖାରୁ | ଜୁନ୍-ଜୁଲାଇ, ଫେବୃଆରୀ | ୨ କି.ଗ୍ରା |
| ଲାଉ, ଜହ୍ନି, କଲରା | ଜୁନ୍-ଜୁଲାଇ ମାସ ସର୍ବୋତ୍କୃଷ୍ଟ । ବର୍ଷସାରା ମଧ୍ୟ ଲଗାଯାଇପାରେ | ୮୦୦ ଗ୍ରାମ୍ |



| | | |
|---|---|---|
| ଶିମ୍ବ | ଜୁନ୍‌ରୁ ଅଗଷ୍ଟ (ଅଗଷ୍ଟ ମାସରେ ଲଗାଇବା ସବୁଠାରୁ ଭଲ) | ୪ କି.ଗ୍ରା |
| ମୂଳା | ଜୁନ୍-ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର ପାଣିର ସୁବିଧା ଥିଲେ ବର୍ଷସାରା ଲଗାଯାଇପାରେ | ୪ ରୁ ୫ କି.ଗ୍ରା |
| ଝୁଡଙ୍ଗ | ଜୁନ୍-ଜୁଲାଇ | ୫ କି.ଗ୍ରା |
| ଗୁଆଁର | ଜୁନ୍-ଜୁଲାଇ | ୩ କି.ଗ୍ରା |
| କୋଶଳା | ନଭେମ୍ବରରୁ ଏପ୍ରିଲ | ୩-୪ କି.ଗ୍ରା |
| ଖଡ଼ା(ଧଳା) | ଏପ୍ରିଲ-ମେ’ | ୩-୪ କି.ଗ୍ରା |
| ଖଡ଼ା (ଲାଲ) | ଅକ୍ଟୋବର-ଡିସେମ୍ବର | ୩-୪ କି.ଗ୍ରା |
| ଲେଉଟିଆ | ମାର୍ଚ୍ଚ- ଏପ୍ରିଲ | ୩-୪କି.ଗ୍ରା |
| ମେଥି | ଅକ୍ଟୋବର-ନଭେମ୍ବର | ୧୦-୧୨ କି.ଗ୍ରା |
| ଧଡ଼ିଆ | ସେପ୍ଟେମ୍ବର-ନଭେମ୍ବର | ୮-୧୦ କି.ଗ୍ରା |
| ଆଳୁ | ଅକ୍ଟୋବର-ନଭେମ୍ବର | ୬୦୦ ରୁ ୭୦୦ କି.ଗ୍ରା |
| ପିଆଜ | ବର୍ଷାଦିନିଆ ପଆଜ ଜୁନ୍ ମାସରେ<br>ଶୀତଦିନିଆ ପିଆଜ ଅକ୍ଟୋବର ମାସରେ<br>ଖରାଦିନିଆ ପିଆଜ ଜାନୁଆରୀ ମାସରେ | ୩ କି.ଗ୍ରା. |
| ଅମୃତଭଣ୍ଡା | ମେ ମାସରେ ମଞ୍ଜି ବୁଣି ଚାରାଟିକୁ ଜୁଲାଇ ମାସରେ ଲଗାଯିବ | ୧୦୦୦ ଚାରା |
| ସଜନା | ବର୍ଷା ଦିନରେ ଚାରା କରି ଲଗାଯାଇପାରିବ | ୪୦ଟା ଗଛ |
| କଦଳୀ | ଜୁନ ମାସ ଉତ୍କୃଷ୍ଟ, ବର୍ଷ ସାରା ଲଗାଯାଇପାରିବ | ୧୦୦୦ ଚାରା |
| ରସୁଣ | ସେପ୍ଟେମ୍ବର-ଅକ୍ଟୋବର | ୬୦-୭୦ କି.ଗ୍ରା |